# Akashvani, Sambalpur

## SAMBALPURI NEWS EVENING BULLETIN

## 23 June 2024- 7.02 pm- 7.12 pm.

**********************************************

୧- ୧୮ ନମ୍ବର୍ ଲୋକ୍‌ସଭାର୍ ପହେଲା ଅଧିବେଶନ୍ ଆଏବାକାଏଲ୍‌ଠାନୁ ହେବା ମୁଲ୍ ।

୨- ଆଏଜ୍‌ଠାନୁ ୨ ଦିନିଆ କେନ୍ଦୁଝର୍ ଗସ୍ତଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

- ଘଟଗାଁ ତାରିଣୀ ମନ୍ଦିର୍ ସୌନ୍ଦର୍ଯ୍ୟୀକରଣ୍ ଲାଗି ୫୦ କୋଟି ଟଙ୍କା କଲେ ମଞ୍ଜୁର୍ ।

୩- ରାଜ୍ୟର୍ ଡିସି ପଟ୍ଟା ପାଇଥିବାର୍ ହିତାଧିକାରୀମାନେ ପାଏବେ ସ୍ଥାୟୀ ପଟ୍ଟା- କହେଲେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ।

ଆଉର୍

୪- ରାଏଜେ ସ୍କୁଲ୍ ମାନ୍ ଆଏବାକାଏଲ୍‌ନୁ ସ୍ୱାଭାବିକ୍ ଭାବେ ଚାଲ୍‌ବା ।

ସଂସଦ୍ ଅଧିବେଶନ୍      ଆର୍ଏନ୍ୟୁ/ କଟକ୍

୧୮ ନମ୍ବର୍ ଲୋକ୍ସଭାର ପହେଲା ଅଧିବେଶନ୍ ଆଏବା କାଏଲ୍ନୁ ମୁଲ୍ ହେବା । ଇ ଅଧିବେଶନ୍ ସମିଆଥି ନୂଆଁକରି ନିର୍ବାଚିତ୍ ହେଇଥିବା ସଦସ୍ୟମାନେ ଶପଥ୍ ଗ୍ରହଣ୍ କର୍ବେ । ଅସ୍ଥାୟୀ ବାଚସ୍ପତି ନିଯୁକ୍ତ ହେଇଥିବା ବରିଷ୍ଠ ସାଂସଦ୍ ଭର୍ତୃହରି ମହତାବ୍ ଇ ଶପଥ୍ ପାଠ୍ କରାବେ । ଆଏବା ୨୬ ତାରିଖ୍ ଦିନ ଲୋକ୍ସଭାର୍ ବାଚସ୍ପତି ନିର୍ବାଚନ୍ ହେବା । ୨୭ ତାରିଖେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦ୍ର ମିଲିତ୍ ଅଧିବେଶନ୍କେ ସମ୍ବୋଧନ୍ କର୍ବେ । ରାଜ୍ୟସଭାର୍ ଅଧିବେଶନ୍ ଇ ମାସର୍ ୨୭ ତାରିଖ୍ନୁ ମୁଲ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ସଂସଦ୍ ଅଧିବେଶନ୍ ଆଏବା ମାସର୍ ୩ ତାରିଖ୍ତକ୍ ଚାଲ୍ବା ।

ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଗସ୍ତ      ଆର୍ଏନ୍ୟୁ/ କଟକ୍

ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାର୍ ଉତ୍ରୁ ଆଏଜ୍ ପହେଲାକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ ଜିଲ୍ଲା ଗସ୍ତ୍ କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଘଟଗାଁ ତାରିଣୀ ମନ୍ଦିର୍ର ସୌନ୍ଦର୍ଯ୍ୟୀକରଣ୍ ଲାଗି ଆଉ ୫୦

କୋଟି ଟଙ୍କା ଘୋଷ୍‌ନା କରିଥିଲେ । ଘଟଗାଁ ତାରିଣୀ ପୀଠକେ ଗୁଟେ ପର୍ଯ୍ୟଟନ୍ ସ୍ଥଲ୍ ଭାବେ କେନ୍ତା ମାଏନ୍‌ତା ମିଲ୍‌ବା, ଇ ବାବ୍‌ଦେ କେନ୍ଦ୍ର ସର୍‌କାର୍‌ଙ୍କୁ ଅନୁରୋଧ୍ କର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସେ ଗୁଟେ ସାଧାରଣ୍ ପରିବାର୍‌ରୁ ଆସିଛେ । ହେଥିର୍‌ଲାଗି ଗରିବ୍ ଲୁକ୍‌କୁ ଚିହ୍ନୁବାର୍ ଆର୍ ଗରିବ୍ ମାନ୍‌କର୍ ସମସ୍ୟା ଜାନ୍‌ବାର୍‌ଥି ତାଙ୍କର୍ ଅସୁବିଧା ନାଇଁନ । ଖଣି ଖାଦାନ୍, ବୈତରଣୀ ଆଉ ମା ତାରିଣୀଙ୍କର୍ ଆଶୀର୍ବାଦ୍ କେନ୍ଦୁଝର୍‌କେ ସମୃଦ୍ଧ କରିଛେ । ଆଏବା ଦିନେ କେନ୍ଦୁଝର୍‌କେ ସୁନାର୍ କେନ୍ଦୁଝର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ପ୍ରଚେଷ୍ଟା ରହେବା ବଲି ସେ କହିଛନ୍ । ସେ ଗସ୍ତ ସମିଆଥି ଜିଲ୍ଲାର୍ ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କୁ ଦର୍ଶନ୍ ଭିଲ୍ କରିଥିଲେ ।

ଆଏବା କାଏଲ୍ ସେ ନିଜର୍ ଗାଁ ରାଇକଲ୍ ଗସ୍ତ କର୍‌ବେ । ଗାଁ ପାଖେ ଝୁମ୍ପୁରା ନ ଗୁଟେ ରୋଡ୍ ସୋ କର୍‌ବାର୍ ଉତ୍‌ରୁ ସେ ଭୁବ୍‌ନେଶ୍ୱର୍ ଫିର୍‌ବେ ବଲି ଜନାପଡ଼ିଛେ ।

ଉପମୁଖ୍ୟମନ୍ତ୍ରୀ- ମାଙ୍କ ପାଇଁ ଗଛଟିଏ

ସୂଚନା ଆଉ ଲୋକସମ୍ପର୍କ ବିଭାଗ୍

ପ୍ରକୃତି ସୁରକ୍ଷା ଲକ୍ଷ୍ୟ ନେଇକରି ଭୁବ୍‌ନେଶ୍ୱର୍‌ର ମିଶନ୍ ଶକ୍ତି ଭବନ୍ ଠାନେ ଆଏଜ୍ 'ମା ଙ୍କ ପାଇଁ ଗଛଟିଏ' ରାଜ୍ୟସ୍ତରୀୟ ଅଭିଯାନ୍ ମୁଲ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ ଆର୍ ମିଶନ୍ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମ୍‌ଥି ଗୁଟେ ବଉଲ ଗଛ ଲଗେଇଥିଲେ । ଇତାର୍‌ଉତ୍‌ରୁ ଗୁଟେ ବୈଠକ୍‌ଥି ଅଧକ୍ଷତା କରିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ମିଶନ୍ ଶକ୍ତି ଜିଲ୍ଲା ଆଉ ବ୍ଲକ୍‌ସ୍ତରୀୟ ମହାସଂଘର୍ ଲିଡର୍ ଆଉ ଅଲ୍‌ଗା ସହାୟକ ଷ୍ଟାଫ୍ ମାନେ ଇ ଅଭିଯାନ୍‌ଥି ସାମିଲ୍ ହେଇଛନ୍ । ଶ୍ରୀମତୀ ପରିଡ଼ା ମା ମାନ୍‌କୁ ସମ୍ମାନ୍ ଦେବାର୍ ସହେତେ ସବୁଜ ଓଡ଼ିଶା ଗଠନ୍ ଲକ୍ଷ୍ୟଥି ସବୁ ନାଗରିକଙ୍କୁ ନିଜର୍ ମା ମାନ୍‌କର୍ ନାଁଥି ଗଛ୍ ଲଗାବାର୍ ଲାଗି ତହଁକେଇଥିଲେ । ବିକଶିତ ଓଡ଼ିଶା ସପନ୍ ପୁରା କର୍‌ବାର୍‌ଥି ମିଶନ୍ ଶକ୍ତିର୍ ଭୂମିକା ଆଉ ରାଏଜେ ସାମାଜିକ ଆଉ ଅର୍ଥନୈତିକ ବିପ୍ଳବ୍ ଅନାଯାଇପାରିଥିବାର୍ ବଲି କହିଥିଲେ ।

ଦରଦାମ୍ ନିୟନ୍ତ୍ରଣ୍ ସୂଚନା ଲୋକସମ୍ପର୍କ ବିଭାଗ୍

ରାଏଜେ ଭିନ୍ ଭିନ୍ ଖାଏବାର୍ ଦରବ୍‌ର ଦରଦାମ୍ ବଢ଼୍‌ବାର୍ ବାବ୍‌ଦେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ ସମୀକ୍ଷା କରିଛନ୍ । ଖାଉଟି ମାନ୍‌କୁ

ସୁଲଭ ଆଉ ଉଚିତ୍ ମୂଲ୍ୟଥି ଖାଏବାର୍ ଦରବ୍ ଯୁଗାବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ସେ ଅଧିକାରୀମାନ୍‌କୁ ପରାମର୍ଶ ଦେବାର୍ ସହେତେ ଅସାଧୁ ଉପେ ଅବଲମ୍ବନ୍ କରୁଥିବା ବ୍ୟବସାୟୀମାନ୍‌କର୍ ଉପ୍‌ରେ ଆଇନ୍ ଅନ୍‌ସାରେ କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ସେଆଡ଼େ ଯୋଗାଣ ବିଭାଗ୍‌ର ଅଧିକାରୀମାନ୍‌କର୍ ତର୍‌ଫୁ ଭୁବ୍‌ନେଶ୍ୱର୍, କଟକ୍, ସମ୍ବଲ୍‌ପୁର୍, ରାଉର୍‌କେଲା, ପୁରୀ ନ ଥିବା ବଡ଼ ବଜାର୍ ମାନ୍‌କେ ଯାଂଚ୍ କରାଯାଉଛେ । ଇତାର୍‌ଛଡ଼ା ବିଭାଗ୍ ତର୍‌ଫୁ ଅତ୍ୟାବଶ୍ୟକ ଦରବ୍‌ର ଘିନାବିକା ଉପ୍‌ରେ ନଜର୍ ରଖିବାର୍ ଲାଗି ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଲେଖାଯାଇଛେ । ହେନ୍ତା ଜିଲ୍ଲା ଯୋଗାଣ କର୍ମଚାରୀମାନ୍‌କୁ ଇ ବାବ୍‌ଦେ ବିବରଣୀ ପଠାବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି

ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

## ସମ୍ବଲପୁରଗସ୍ତ - ରାଜସ୍ୱ ମନ୍ତ୍ରୀ

ସମ୍ବଲ୍‌ପୁର୍ ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ, ପାଟଣେଶ୍ୱରୀ ଆର୍ ଅଲ୍‌ଗା ମନ୍ଦିର୍ ନ ଦର୍ଶନ୍ କରିଥିଲେ । ଇତାର୍‌ଉତ୍‌ରୁ ସେ ଗୁଟେ ଶୋଭାଯାତ୍ରାଥି ସହର୍

ପରିକ୍ରମା କର୍‌ବାର୍ ସହେତେ ଖୃଣ୍ଡା ଠାନେ ବୀର ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତି ନ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ରାଏଜେ ବପର୍ଯ୍ୟୟ ପରିଚାଲନା ଲାଗି ଦେଶ୍ ବିଦେଶ୍‌ର ବିଶେଷଜ୍ଞମାନ୍‌କର୍ ପରାମର୍ଶ ନିଆଯିବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଇ ଗସ୍ତ ସମିଆଥି କହିଛନ୍ । ସେ କହିଛନ୍ ଯେ, ଓଡ଼ିଶା ନ ରାଜସ୍ୱ ସେବା କ୍ଷେତ୍ର ନ ସେବା ଯୁଗାବାର୍ ସହେତେ ଜିରୋ ଟଲରେନ୍ସ ନୀତି ଅନୁସରଣ୍ କରାଯିବା । ସବୁ ନାଗରିକ୍ ଯେନ୍ତା ରାଜସ୍ୱ ସେବା ପାଏବେ ସେ ଦିଗେ ବିଭାଗ୍ କାମ୍ କର୍‌ବା । ଡିସି ପଟ୍ଟା ପାଇଥିବାର ରାଜ୍ୟର୍ ସବୁ ହିତାଧିକାରୀଙ୍କୁ ସ୍ଥାୟୀ ପଟ୍ଟା ଦିଆଯିବା । ଝାର୍‌ସୁଗୁଡ଼ା ଜିଲ୍ଲା ନ ଇ କାମ୍ ମୁଲ୍ ହେଇଛେ । ହୀରାକୁଦ୍, ରେଙ୍ଗାଲି ବାଗିର୍ ଡେମ୍ ମାନ୍‌କର୍ ଲାଗି ଅଧିଗୃହିତ ଜମିକେ ବିସ୍ଥାପିତ୍ ମାନ୍‌କୁ ଫିରାବାର୍ ଲାଗି ଯୋଜ୍‌ନା କରାଯିବା ବଲି ସେ କହିଛନ୍ ।

ରକ୍ତହୀନତା ନିରାକରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ରକ୍ତଶିକୁଲି ଲାଗି ରକ୍ତହୀନତା ନିରାକରଣ୍ ସଚେତନତା ଅଭିଯାନ୍ ଚାଲିଛେ । ଇଟା ଆଏବା ୩ ତାରିଖ୍‌ତକ୍ ଚାଲ୍‌ବା । ଇଥି ଭିନ୍ ଭିନ୍ ଜିଲ୍ଲା ନ ରକ୍ତଶିକୁଲି ରୋଗର

ନିରାକରଣ୍ ଲାଗି ବ୍ୟାପକ୍ ପ୍ରଚାର୍ ପ୍ରସାର୍ କର୍ବାର୍ ଉପ୍ରେ ଜୋର୍ ଦିଆଯାଉଛେ । ୨୦୪୭ ମସିହାତକ୍ ରକ୍ତଶିକୁଲି ରୋଗର ପୁରାପୁରି ନିରାକରଣ୍ ଲାଗି ସର୍କାର୍ ଲକ୍ଷ୍ୟ ରଖିଛନ୍ ।
(ପ୍ରୋମୋ)

ଶ୍ୟାମାପ୍ରସାଦ୍ ମୁଖାର୍ଜୀ- ଶ୍ରଦ୍ଧାଞ୍ଜଳି

ଆର୍ଏନ୍ୟୁ/ କଟକ୍/ ବୌଦ୍ଧ

ମହାନ୍ ରାଷ୍ଟ୍ରନାୟକ୍ ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ଆଏଜ୍ ରାଜ୍ୟସ୍ତରୀୟ ବଳିଦାନ୍ ଦିବସ୍ ପାଳନ୍ କରାଯାଉଛେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍ନେଶ୍ୱର୍ ସତ୍ସଙ୍ଗ୍ ବିହାର୍ ପାଶେ ଥିବା ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଳି ଅର୍ପଣ୍ କର୍ବାର୍ ସହେତେ ସ୍ମୃତିଚାରଣ୍ କରିଥିଲେ । ଡକ୍ଟର୍ ମୁଖାର୍ଜୀ ଭାରତ୍ ଇତିହାସ୍ ନ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଭାବେ ଆଦର୍ ପାଉଥିବେ ବଲି ବିଧାନ୍ସଭାର୍ ବାଚସ୍ପତି ସୁରମା ପାଢ଼ୀ କହିଛନ୍ । ଶ୍ରୀ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କୁ ଭାରତ୍ର ଦଶା ଆର୍ ଦିଶା ର ପରିବର୍ତନ୍ର ମହାନ୍ ନାୟକ୍ ଭାବେ ଅଭିହିତ କରିଛନ୍ । ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ଆର୍ ସଂସଦୀୟ ବ୍ୟାପାର୍ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍

ଆଉ ଅଲ୍‌ଗା ସିଆନ୍ ସୁଜନ୍‌ମାନେ ଇ କାର୍ଯ୍ୟକ୍ରମ୍ ଯୋଗ୍ ଦେଇଥିଲେ ।

ବୌଦ୍ଧ ଜିଲ୍ଲା ବିଜେପି ତରଫୁଁ ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତିଙ୍କର୍ ଅଧ୍ୟକ୍ଷତା ନ ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ସ୍ମୃତିଚାରଣ୍ କରାଯାଇଥିଲା । ଦେଶର୍ ଏକତା ଆଉ ଅଖଣ୍ଡତା ଲାଗି ଡକ୍ଟର୍ ମୁଖାର୍ଜୀ ଜୀବନ୍‌ସାରା ଉଦ୍ୟମ୍ କରିଥିଲେ । ଇ ଅବ୍‌ସରେ ମହାନଦୀର ଖଣ୍ଡି ଜଲେଶ୍ୱର୍ ମନ୍ଦିର୍ ଠାନେ ଭିନ୍ ଭିନ୍ କିସ୍‌ମର୍ ଗଛ୍ ଲଗାଯାଇଥିଲା ।

ସ୍କୁଲ୍ ସ୍ୱାଭାବିକ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ପାଗ୍‌ର ରାଏରକମ୍ ବଦ୍‌ଲିଥିବାର୍‌ନୁ ଆଏବା କାଏଲ୍‌ଠାନୁ ସ୍କୁଲ୍ ମାନ୍‌କେ ପାଠ୍‌ପଢ଼ା ସ୍ୱାଭାବିକ୍ ଭାବେ ଚାଲ୍‌ବା ବଲି ସ୍କୁଲ୍ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଶିକ୍ଷା ବ୍ୟବସ୍ଥାଥି ସଂସ୍କାର୍ ଆନ୍‌ବାର୍ ଲାଗି ସର୍‌କାର୍ ସବୁ ପ୍ରକାରର୍ ବ୍ୟବସ୍ଥା କରୁଛନ୍ ବଲି ସେ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ରାଜ୍ୟର୍ ସବୁ ସର୍‌କାରୀ, ବେସର୍‌କାରୀ ଆଉ ଅନୁଦାନ୍ ପାଉଥିବା ସ୍କୁଲ୍‌ମାନ୍‌କୁ ରାଜ୍ୟ ସର୍‌କାର୍ ୨୧ ତାରିଖ୍‌ତକ୍ ସକାଲୁଆ

କର୍‌ବାର୍ ଲାଗି ନିଷ୍ପତି ନେଇଥିଲେ । କେତେଟା ଜିଲ୍ଲା ନ ଇ ସମିଆଥି ଜବର୍ ଖରା ହେବାର୍‌ନୁ ସ୍କୁଲ୍ ବନ୍ଦ୍ ରଖାଯାଇଥିଲା ଆଉ କିଛି ଜିଲ୍ଲା ନ ସ୍କୁଲ୍ ସମିଆ ବଦ୍‌ଲା ଯାଇଥିଲା ।

ନୂଆପଡ଼ା ଏସ୍.ପି.- ଆଲୋଚନା ସଭା  ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟ ଠାନେ ନୂଆଁ ଅପରାଧ ଆଇନ୍ ଉପ୍‌ରେ ଗୁଟେ କର୍ମଶାଲା ଆଏଜ୍ ଅନୁଷ୍ଠିତ୍ ହେଇଥିଲା । ଆଏବା ୧ ତାରିଖ୍‌ନୁ ଇ ଆଇନ୍ କାର୍ଯ୍ୟକାରୀ ହେବାର୍‌କେ ଯାଉଥିବାର୍‌ନୁ ଲୁକେ ଇ ବାବ୍‌ଦେ ଜାନ୍‌ବାର୍ ଦର୍‌କାର୍ ବଲି ଏସ୍.ପି. ଜି. ରାଘବେନ୍ଦ୍ର ରେଡ୍ଡୀ କହିଥିଲେ । ଆଘର୍ ଆଇନ୍‌ର ସଂଶୋଧନ୍ ହେବାର୍‌ନୁ ନାଗରିକମାନ୍‌କୁ ନ୍ୟାୟ ପ୍ରଦାନ୍ ଦିଗେ ଆଉ ଅପରାଧ୍ ନିୟନ୍ତ୍ରଣ୍‌ଥି ସହାୟକ୍ ହେବା ବଲି ଏସ୍.ପି. କହିଛନ୍ ।

ବାଲ୍ୟ ବିବାହ ମୁକ୍ତ ଗାଁ          ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଧନକଉଡ଼ା, ବାମ୍‌ରା, କୁଚିଣ୍ଡା ଆଉ ଯୁଯୁମୁରା ବ୍ଲକ୍‌ର ଶହେ ୮ ଟା ଗାଁକେ ବାଲ୍ୟବିବାହ ମୁକ୍ତ ଗାଁ

ଘୋଷ୍ନା କରାଯାଇଛେ । ସର୍ବଶିକ୍ଷା ଅଭିଯାନ୍ ସମ୍ମିଲନୀ କକ୍ଷ ଠାନେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ୍ଥି ଇ ଘୋଷ୍ନା କରାଯାଇଥିବାର୍ ସୂଚନା ଦିଆଯାଇଛେ । ଆଗ୍‌କେ ଜିଲ୍ଲାର୍ ଅଲ୍‌ଗା ବ୍ଲକ୍ ମାନ୍‌କର୍ ଗାଁମାନ୍‌କୁ ଭିଲ୍ ବାଲ୍ୟବିବାହ ମୁକ୍ତ ଘୋଷ୍ନା କର୍‌ବାର୍ ଉପ୍‌ରେ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ଜୋର୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ-ନୂଆ ଅଧିକାରୀ/ଆର୍‌ଏନ୍‌ୟୁ/ ସମ୍ବଲପୁର୍

ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ - ସିଏମ୍‌ଓରେ ନୂଆଁ ଅତିରିକ୍ତ ସଚିବ ଭାବେ ଓଡ଼ିଶା ଅର୍ଥ ସେବାର ବରିଷ୍ଠ ଅଧିକାରୀ ଉମେଶ୍ ଚନ୍ଦ୍ର ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛେ । ସେ ଇହାଦେ ଇସ୍ପାତ୍ ଆଉ ଖଣି ବିଭାଗ୍ ନ ଅବସ୍ଥାପିତ୍ ଅଛନ୍ । ରାଜ୍ୟସର୍‌କାର୍ ଗଲାକାଏଲ୍ ଓଡ଼ିଶା ପ୍ରଶାସନିକ୍ ଅଧିକାରୀ ଚିତ୍ରସେନ ରାଉତ୍‌ଙ୍କୁ ଭିଲ୍ ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ନ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦେଇଥିଲେ ।

ବୌଦ୍ଧ ବିଧାୟକ୍-ଷ୍ଟାଡ଼ିୟମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍‌କେ ଉନ୍ନତ୍ କରାଯିବା ବଲି ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ କହିଛନ୍ । ଷ୍ଟାଡ଼ିୟମ୍‌କେ ଯାଇଥିବାର୍ ରାସ୍ତାକେ ମରାମତ୍ କର୍‌ବାର୍ ଲାଗି ସେ ବୌଦ୍ଧ ଏନ୍‌ଏସି କର୍ତ୍ତୃପକ୍ଷଙ୍କର୍ ସାଙ୍ଗେ ଆଲୋଚନା କରିଥିଲେ । ହେନ୍ତା ବୌଦ୍ଧ ସନ୍ତରଣାଗାରର ପରିଚାଲନା ବାବ୍‌ଦେ ଭିଲ୍ ସେ ଆଲୋଚନା କରିଥିଲେ ।